# NATIONAL NEWS BULLETIN (ODIA)

## 13 June - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- **G7** ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଆଜି ଇଟାଲୀ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- କୁଏତର ଏକ ଶ୍ରମିକ ଆବାସସ୍ଥଳୀରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୪୦ ଜଣ ଭାରତୀୟ ନାଗରୀକ ମୃତ, ୫୦ରୁ ଅଧିକ ଆହତ ।

- ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥଗ୍ରହଣ କରିବେ ବିଜେପି ନେତା ପେମା ଖାଣ୍ଡୁ ।

- ଓଡ଼ିଶାର ନବଗଠିତ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଆଜିଠାରୁ ଖୋଲିଲା ପୁରୀ ଶ୍ରୀମନ୍ଦିରର ୪ଟି ଦ୍ୱାର ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆମେରିକାକୁ ୭ ୱିକେଟ୍‌ରେ ପରାସ୍ତ କଲା ଭାରତ ।

## ପି.ଏମ୍. ଇଟାଲୀ ଭିଜିଟ୍

**G7** ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇଟାଲୀ ଗସ୍ତ କରିବେ । ବୈଦେଶିକ ସଚିବ ବିନୟ କ୍ୱାତ୍ରା ନୂଆଦିଲ୍ଲୀରେ ସମ୍ବାଦଦାତାମାନଙ୍କୁ କହିଛନ୍ତି, ଏହି ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଭାରତକୁ ନିମନ୍ତ୍ରଣ କରାଯାଇଛି । ଲଗାତାର ତୃତୀୟଥର ଲାଗି ଶାସନଭାର ସମ୍ଭାଳିବା ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏହା ପ୍ରଥମ ବିଦେଶ ଗସ୍ତ । ଶ୍ରୀ କ୍ୱାତ୍ରା କହିଛନ୍ତି, ଏହି ସମ୍ମିଳନୀରେ ବିଶ୍ୱର ଅନ୍ୟ ନେତାମାନଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

## କୁଏତ୍ ଫାୟାର୍

କୁଏତ୍‌ର ମଙ୍ଗଫ ଅଞ୍ଚଳରେ ଏକ ଶ୍ରମିକ ଆବାସ ସ୍ଥଳୀରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୪୦ ଜଣ ଭାରତୀୟ ନାଗରୀକଙ୍କ ମୃତ୍ୟୁ ଘଟିଛି । ଏଥିରେ

୫୦ରୁ ଅଧିକ ଆହତ ହୋଇଛନ୍ତି । ବିଦେଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ କୁଏତ ସ୍ଥିତ ଭାରତୀୟ ଦୂତାବାସ ସେଠାକାର ଅଧିକାରୀ ଏବଂ ନିଯୁକ୍ତିଦାତା କମ୍ପାନୀ ଠାରୁ ଘଟଣା ସମ୍ପର୍କରେ ବିସ୍ତୃତ ଭାବେ ତଥ୍ୟ ହାସଲ କରୁଛନ୍ତି । ଆହତ ଶ୍ରମିକମାନଙ୍କୁ କୁଏତର ୫ଟି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା କୁହାଯାଇଛି ।

କୁଏତ୍‌ରେ ଥିବା ଭାରତୀୟ ରାଜଦୂତ ଆଦର୍ଶ ସ୍ୱାଇକା ଭାରତୀୟ ନାଗରିକଙ୍କ ସମ୍ପର୍କରେ ଜାଣିବା ଲାଗି ଅଗ୍ନିକାଣ୍ଡ ସ୍ଥଳ ଏବଂ ଡାକ୍ତରଖାନା ଗୁଡ଼ିକ ବୁଲି ଦେଖିଥିଲେ । ଏଥିରେ ଆହତ ହୋଇଥିବା ଭାରତୀୟମାନଙ୍କୁ ସାହାଯ୍ୟ କରିବା ଏବଂ ଯଥା ସମ୍ଭବ ସହାୟତା ଯୋଗାଇ ଦେବା ଲାଗି ଭାରତୀୟ ଦୂତାବାସ ପକ୍ଷରୁ ସ୍ଥାନୀୟ ପ୍ରଶାସନ ସହ ଯୋଗାଯୋଗ କରାଯାଇଛି । କୁଏତ ପ୍ରଶାସନ ପକ୍ଷରୁ ଏହି ଘଟଣାରେ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା ଜଣାପଡ଼ିଛି । ଆହତ ଶ୍ରମିକମାନଙ୍କ ବିଷୟରେ ଜାଣିବା ପାଇଁ ଏକ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି । ହେଲ୍ପଲାଇନ୍ ନମ୍ବରଟି ହେଉଛି – ୦୯୬୫-୬୫୫୦ ୫୨୪୬ ।

# ପିଏମ୍‌-କୁଏତ୍ ଫାୟାର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ବାସଭବନରେ କୁଏତରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ଅଗ୍ନିକାଣ୍ଡରେ ୪୦ ଜଣ ଭାରତୀୟ ନାଗରୀକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ଘଟଣାରେ ପ୍ରଧାନମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏହି ଘଟଣାରେ ପ୍ରଭାବିତ ଲୋକମାନଙ୍କୁ ଯଥା ସମ୍ଭବ ସହାୟତା ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଉଦ୍ଧାର କାର୍ଯ୍ୟ ଏବଂ ମୃତ ଶରୀର ଗୁଡ଼ିକୁ ଭାରତ ଆଣିବା ଲାଗି ବ୍ୟବସ୍ଥା କରିବା ନିମନ୍ତେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହଙ୍କୁ କୁଏତ ଯିବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଶ୍ରୀ ମୋଦୀ ଏହି ଘଟଣାରେ ମୃତ ଭାରତୀୟ ନାଗରୀକଙ୍କ ପରିବାରକୁ ପି.ଏମ୍. ରିଲିଫ୍ ଫଣ୍ଡରୁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ବୈଠକରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର, ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, ବୈଦେଶିକ ସଚିବ ବିନୟ କ୍ୱାତ୍ରା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଜୟଶଙ୍କର-କୁଏତ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କୁଏତର ବିଦେଶ ମନ୍ତ୍ରୀ ଅବଦୁଲ୍ଲା ଅଲି ଅଲ୍-ୟାହିୟାଙ୍କ ସହ ସେଠାରେ  ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ସଂପର୍କରେ ଆଲୋଚନା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, କୁଏତରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ  ସେଠାକାର ଅଧିକାରୀମାନଙ୍କ ଠାରୁ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି । କୁଏତ ପ୍ରତିପକ୍ଷ ଏହି ଘଟଣାର ସମ୍ପୂର୍ଣ୍ଣ ଯାଞ୍ଚ ସହ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଡକ୍ଟର ଜୟଶଙ୍କର ଏହି ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଲୋକଙ୍କ ମୃତ ଦେହ ପଠାଇବା ଲାଗି ବ୍ୟବସ୍ଥା କରିବାକୁ କୁଏତର ଅଧିକାରୀମାନଙ୍କୁ କହିଛନ୍ତି । ସେଠାକାର ବିଦେଶ ମନ୍ତ୍ରୀ କହିଛନ୍ତି, ଆହତମାନଙ୍କୁ ଜରୁରୀ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଆଜି ବିଦେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କୁଏତରେ ପହଞ୍ଚିବା ପରେ ପରିସ୍ଥିତିର ସମୀକ୍ଷା କରାଯିବ ବୋଲି ସେ କହିଛନ୍ତି ।

# ଅରୁଣାଚଳ-ଓଥ

ବିଜେପି ନେତା ପେମା ଖାଣ୍ଡୁ ଆଜି ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ପୂର୍ବାହ୍ନ ୧୧ଟାରେ

ଇଟାନଗରର ଦୋରଜିହାଣ୍ଡୁ ସମ୍ମିଳନୀ କେନ୍ଦ୍ରରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଗତ ସନ୍ଧ୍ୟାରେ ପେମା ଖାଣ୍ଡୁ ରାଜଭବନ ଯାଇ ଉପରାଜ୍ୟପାଳ କେ.ଟି. ପଟ୍ଟନାୟକଙ୍କୁ ସାକ୍ଷାତ କରି ନୂଆ ସରକାର ଗଠନ ଲାଗି ଦାବି ଉପସ୍ଥାପନ କରିଥିଲେ ।  ଉପରାଜ୍ୟପାଳ ତାଙ୍କୁ ସରକାର ଗଠନ ଲାଗି ଆମନ୍ତ୍ରଣ କରିଥିଲେ । ଗତକାଲି ଶ୍ରୀ ଖାଣ୍ଡୁଙ୍କୁ ସର୍ବସମ୍ମତି କ୍ରମେ ଅରୁଣାଚଳ ପ୍ରଦେଶ ବିଜେପି ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଥିଲା । ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷ ରବିଶଙ୍କର ପ୍ରସାଦ ଏବଂ ତରୁଣ ଚୁଘ୍ ଉପସ୍ଥିତ ଥିଲେ । ଆଜି ଶପଥ ଗ୍ରହଣ ଉତ୍ସବରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଦଳୀୟ ମହାସଚିବ ବି.ଏଲ୍. ସନ୍ତୋଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ଇସ୍ରାଏଲ୍ ଆଟାକ୍

ଦକ୍ଷିଣ ଲେବାନନ୍‌ରେ ହୋଇଥିବା ଆକ୍ରମଣରେ ହିଜ୍‌ବୁଲା କମାଣ୍ଡର ସାମି ତାଲେବ୍ ଅବଦୁଲ୍ଲାର ମୃତ୍ୟୁ ହୋଇଥିବା ନେଇ ଇସ୍ରାଏଲ୍ ସେନା ସ୍ପଷ୍ଟ କରିଛି । ଦୁଇ ଦିନ ତଳେ ଇସ୍ରାଏଲ୍ ସେନା ଏହି ଆକ୍ରମଣ କରିଥିଲା । ସେନା ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି, ସାମି ଅବଦୁଲ୍ଲା ହିଜ୍‌ବୁଲାର ୟୁନିଟ୍ କମାଣ୍ଡର ଥିଲା । ଲେବାନନ୍‌ର ଗଣମାଧ୍ୟମ ସାମି

ଅବଦୁଲ୍ଲାର ମୃତ୍ୟୁ ଖବରକୁ ସତ୍ୟ ବୋଲି ଦର୍ଶାଇବା ସହ ଏହି ଆକ୍ରମଣରେ ଅନ୍ୟ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛି । ଏଥିରେ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣର ଜବାବରେ ହିଜବୁଲ୍ଲା ଇସ୍ରାଏଲ୍‌ର ଉତ୍ତର ଭାଗରେ ଥିବା ସେନା ଶିବିର ଉପରକୁ ରକେଟ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଛି । ଇସ୍ରାଏଲ୍ ସେନା କହିଛି, ହିଜବୁଲ୍ଲା ପାଖାପାଖି ୧୭୦ଟି ରେକଟ୍ ମାଡ଼ କରିଛି ।

## ଆମେରିକା ଫେଡେରାଲ୍ ମିଟିଂ

ଆମେରିକାର ସଂଘୀୟ ରିଜର୍ଭ ବ୍ୟାଙ୍କ୍ ସୁଧ ଦର ଅପରିବର୍ତ୍ତିତ ରଖିଛି । ତେବେ ଦର ବୃଦ୍ଧିର ମୁକାବିଲା ଲାଗି ବର୍ଷ ଶେଷ ଆଡ଼କୁ ଏଥିରେ ପରିବର୍ତ୍ତନ ଘଟିବା ନେଇ ଫେଡେରାଲ୍ ରିଜର୍ଭ ବ୍ୟାଙ୍କ୍ ସଂକେତ ଦେଇଛି । ବ୍ୟାଙ୍କ୍‌ର ଶୀର୍ଷ ଅଧିକାରୀମାନଙ୍କ ଦୁଇ ଦିନିଆ ବୈଠକ ଗତକାଲି ଶେଷ ହେବା ପରେ ଏହି ବିଷୟ ଘୋଷଣା କରାଯାଇଛି । ସୁଧ ଦରକୁ ସୀମା ମଧ୍ୟରେ ରଖି ଲଗାତାର ସପ୍ତମଥର ପାଇଁ ଏହା ୫ ଦଶମିକ୍ ୨/୫ ଏବଂ ୫ ଦଶମିକ୍ ୫ ପ୍ରତିଶତ ମଧ୍ୟରେ ଅପରିବର୍ତ୍ତିତ ରଖାଯାଇଛି । ମୁଦ୍ରାସ୍ଫିତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ତିନୋଟି କ୍ଷେତ୍ରରେ ସୁଧହାର ହ୍ରାସ କରିବାର ଥିଲେ ମଧ୍ୟ ଲଗାତାର ମୁଦ୍ରାସ୍ଫିତି ଉଚ୍ଚସ୍ତରରେ ରହିବା ଫଳରେ ନିଷ୍ପତ୍ତି

ପରିବର୍ତ୍ତନ କରାଯାଇଛି । ମୁଦ୍ରାସ୍ଫିତିକୁ ଦୁଇ ପ୍ରତିଶତରୁ କମ୍ କରିବା ସଂଘୀୟ ରିଜର୍ଭ ବ୍ୟାଙ୍କର ଲକ୍ଷ୍ୟ ରହିଛି ।

## ବିଜେପି-ଶ୍ରୀମନ୍ଦିର

ଓଡ଼ିଶାର ପୁରୀ ଶ୍ରୀମନ୍ଦିରର ୪ଟି ଦ୍ୱାର ଆଜି ସକାଳୁ ଭକ୍ତମାନଙ୍କ ପାଇଁ ଖୋଲା ଯାଇଛି । ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଆଜି ସକାଳେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଗତ ସନ୍ଧ୍ୟାରେ ନବଗଠିତ ମନ୍ତ୍ରୀ ପରିଷଦର ପ୍ରଥମ କ୍ୟାବିନେଟ୍ ବୈଠକରେ ଶ୍ରୀମନ୍ଦିରର ୪ଦ୍ୱାର ଖୋଲିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅନ୍ୟାନ୍ୟ ନିଷ୍ପତ୍ତି ମଧ୍ୟରେ ଶ୍ରୀମନ୍ଦିରର ଉନ୍ନତିକରଣ, ସଂରକ୍ଷଣ ଏବଂ ବିକାଶ ଲାଗି ଖୁବ୍ ଶୀଘ୍ର ୫୦୦ କୋଟି ଟଙ୍କାର ଏକ କର୍ପସ୍ ଫଣ୍ଡର ବ୍ୟବସ୍ଥା, ରାଜ୍ୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ହଜାର ୧୦୦ ଟଙ୍କାକୁ ବୃଦ୍ଧି ଏବଂ ମହିଳାମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପ୍ରସ୍ତାବ କ୍ୟାବିନେଟ୍ ମଞ୍ଜୁରୀ ଲାଭ କରିଥିଲା । ଆସନ୍ତା ୧୦୦ ଦିନ ମଧ୍ୟରେ ଏହି ନିଷ୍ପତ୍ତି ଗୁଡ଼ିକ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନା ଯୋଗ୍ୟ ଗତ ସନ୍ଧ୍ୟାରେ ଓଡ଼ିଶାରେ ବିଜେପି  ସରକାର ଶପଥ ଗ୍ରହଣ କରିଥିଲେ । ବିଜେପି ବିଧାୟକ ଦଳର ନେତା ମୋହନ

ଚରଣ ମାଝୀଙ୍କୁ ରାଜ୍ୟପାଳ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଏଥିରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ, ୮ ଜଣ କ୍ୟାବିନେଟ୍ ମନ୍ତ୍ରୀ ଏବଂ ୫ ଜଣ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଶପଥଗ୍ରହଣ କରିଥିଲେ । ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

## କ୍ରିକେଟ୍-ଓ୍ୱାର୍ଲ୍ଡକପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ’ ଆମେରିକାକୁ ୭ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଭାରତ ସୁପର୍ ଏଇଟ୍‌ରେ ନିଜ ସ୍ଥାନ ଦଖଲ କରିଛି । ନ୍ୟୁୟର୍କର ନାସାଉ କାଉଣ୍ଟି ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ କରି ଆମେରିକା ୧୧୦ରନ୍ ସ୍କୋର କରିଥିଲା । ଆମେରିକାର ନିତିଶ କୁମାର ୨୩ଟି ବଲ୍‌ରେ ସର୍ବାଧିକ ୨୭ରନ୍ ସ୍କୋର କରିଥିବାବେଳେ ଭାରତର ଅର୍ଶଦୀପ ସିଂହ ୪ଟି ଓ୍ୱିକେଟ୍ ନେଇଥିଲେ । ଏହାର ଜବାବରେ ଭାରତ ୧୧୧ରନ୍ ସ୍କୋର କରିଥିଲା ।

ଆଜି ଏହି ଶୃଙ୍ଖଳାରେ ଦୁଇଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ତ୍ରିନିଦାଦର ବ୍ରାଏନ୍‌ଲାରା ଷ୍ଟାଡିୟମ୍‌ରେ ଓ୍ୱେଷ୍ଟଇଣ୍ଡିଜ୍ ଏବଂ ନ୍ୟୁଜିଲାଣ୍ଡ

ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ କିଙ୍ଗସ୍‌ଟାଉନ୍‌ରେ ବାଂଲାଦେଶ ଓ ନେଦରଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ।

## ଟେନିସ୍-ଇଟାଲୀ

ଇଟାଲୀର ପେରୁଗିୟାରେ ଚାଲିଥିବା ଚ୍ୟାଲେଞ୍ଜର ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଭାରତର ସୁମିତ ନାଗଲ ପୁରୁଷ ଏକକ କ୍ୱାର୍ଟର ଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ସେ ପ୍ରିକ୍ୱାର୍ଟର ଫାଇନାଲ୍‌ରେ ଇଟାଲୀର ଜିୟାନେସିଙ୍କୁ ୦-୬, ୭-୫ ଏବଂ ୭-୬ ସେଟ୍‌ରେ ପରାସ୍ତ କରିଥିଲେ । କ୍ୱାର୍ଟର ଫାଇନାଲ୍‌ରେ ଆସନ୍ତାକାଲି ସୁମିତ ନାଗଲଙ୍କ ମୁକାବିଲା ପୋଲାଣ୍ଡର ମାକ୍ସ କାସ୍‌ନିକୋବସ୍କିଙ୍କ ସହିତ ହେବ ।

ପୁରୁଷ ଡବଲ୍ସ ପ୍ରିକ୍ୱାର୍ଟର ଫାଇନାଲ୍‌ରେ ଭାରତର ଏନ୍. ଶ୍ରୀରାମ ବାଲାଜୀ ଏବଂ ଜର୍ମାନର ଆନ୍ଦ୍ରେ ବେଗ୍‌ମେନ୍‌ଙ୍କ ଯୋଡ଼ି  ଆଜି ସନ୍ଧ୍ୟାରେ ନେଦରଲ୍ୟାଣ୍ଡର ଜେସପର୍ ଡି. ଯୋଗ ଏବଂ ରୟାନର ନିଜବୋଅର୍ ଯୋଡ଼ିକୁ ଭେଟିବେ ।